## କାର୍‌କୁ ଧକ୍କାଦେଇ ବାଇକ୍ ଉପରେ ଚଢ଼ିଗଲା ଟ୍ରକ୍

**କେନ୍ଦୁଝର (ସ୍ୱ.ପ୍ର.):** କେନ୍ଦୁଝର ସଦର ଥାନା ଅନ୍ତର୍ଗତ ପଳାଶପଙ୍ଗା ସଞ୍ଜ ଛକ ନିକଟରେ ତାରିଣୀ ମନ୍ଦିର ସମ୍ମୁଖରେ ମଧ୍ୟାହ୍ନରେ ଏକ ଟ୍ରକ୍ ପୋଲ କାନ୍ଥରେ ଚଢ଼ି ଏକ କାର୍ ଓ ବାଇକ୍‌କୁ ଧକ୍କାଦେଇଥିଲା। ତେବେ କାର୍ ଓ ବାଇକରେ କେହି ନ ଥିବାରୁ ଏକ ବଡ ଦୁର୍ଘଟଣାରୁ ସମସ୍ତେ ରକ୍ଷା ପାଇଯାଇଛନ୍ତି। ପୋଲିସ ଉକ୍ତ ଟ୍ରକ୍‌କୁ ଜବତ କରିଥିବା ଜଣାପଡିଛି।

## ସଂକ୍ଷେପରେ

### ୧୧ରୁ ବିଶାଖାପାଟଣା-ଟାଟାନଗର ସାପ୍ତାହିକ ଟ୍ରେନ୍

**କେନ୍ଦୁଝର, ୩।୭ (ସ୍ୱ.ପ୍ର.):** କରୋନା କଟକଣା ଉଠିବା ପରେ ଆସନ୍ତା ୧୧ ତାରିଖରୁ ବିଶାଖାପାଟଣା-ଟାଟା-ବିଶାଖାପାଟଣା ଟ୍ରେନ ଚାଲିବ। ଏହା ସପ୍ତାହରେ ଥରେ ଯିବାଆସିବା କରିବ। ଏହା କେନ୍ଦୁଝର ଦେଇ ଯାତାୟାତ କରୁଥିବାରୁ କେନ୍ଦୁଝର ଜିଲାବାସୀ ଉପକୃତ ହେବେ। ରବିବାର ଏହି ଟ୍ରେନ୍ ବିଶାଖାପଟ୍ଟନମରୁ ବାହାରି କେନ୍ଦୁଝରଦେଇ ଟାଟା ଯିବ। ସେଠାରୁ ସୋମବାର ଫେରି କେନ୍ଦୁଝର ଦେଇ ବିଶାଖାପଟ୍ଟନମ ଅଭିମୁଖେ ଯିବ ବୋଲି ଜଣାପଡିଛି।

### କଂକ୍ରିଟ ରାସ୍ତା ଉପରେ ଚାଲିଛି ରାସ୍ତା ନିର୍ମାଣ

**ଭଦ୍ରକ ଅଫିସ, ୩।୭:** କଂକ୍ରିଟ ରାସ୍ତା ଉପରେ ପୁଣି ଥରେ ରାସ୍ତା ନିର୍ମାଣ ଚାଲିଛି। କିନ୍ତୁ ରାସ୍ତା ନ ଥିବା ସ୍ଥାନରେ କାମ ହେଉ ନ ଥିବା ଭଦ୍ରକ ପୌରପାଳିକାର ୭ନଂ. ୱାର୍ଡ଼ ବଙ୍ଗାଳିସାହି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସାହିର ଗୋଟିଏ ପାର୍ଶ୍ୱରେ ରାସ୍ତା ଅତ୍ୟନ୍ତ ଖରାପ ଥିବା ସତ୍ତ୍ୱେ ତିଆରି ନ କରାଯାଇ ଭଲ ଥିବା କଂକ୍ରିଟ ରାସ୍ତା ଉପରେ ପୁନଃ କଂକ୍ରିଟ ପକାଯାଉଛି। ଏପରିକି ସରକାରୀ ରେକର୍ଡରେ ଜଳାଶୟ ଭାବେ ଚିହ୍ନଟ ସ୍ଥାନରେ କଂକ୍ରିଟ ରାସ୍ତା କରାଯିବା ନିୟମ ନ ଥିବା ପୂର୍ବତନ କାଉନସିଲର ଦୁର୍ଗାପ୍ରସନ୍ନ ଦାସ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ରାସ୍ତା ନିର୍ମାଣ ନେଇ ଗ୍ରାମବାସୀଙ୍କ ଅଭିଯୋଗ ପାଇଛନ୍ତି। ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ କହିଛନ୍ତି।

### ଗାଇଡ୍‌ଲାଇନ୍ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

**ରୂପସା, ୩।୭(ଡି.ଏନ.ଏ.):** କରୋନା ସଂକ୍ରମଣ ହାରକୁ ଦୃଷ୍ଟିରେ ରଖି ଜୁଲାଇ ୧ରୁ ୧୬ ପର୍ଯ୍ୟନ୍ତ ଲକଡାଉନ୍‌କୁ ଆଂଶିକ କୋହଳ କରି ସରକାର ନୂଆ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ବସ୍ତା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଗାଇଡଲାଇନ୍ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ତହସିଲଦାର କାର୍ତ୍ତିକ ଚନ୍ଦ୍ର ଦାସ, ସବ୍-ଇନ୍ସପେକ୍ଟର ପ୍ରଶାନ୍ତ ପାଣି, ଏଏସ୍‌ଆଇ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବସ୍ତା ବଜାର ଗାନ୍ଧୀ ଛକ, ଅମର୍ଦ୍ଦାରୋଡ଼, ହଳଦୀପଦା, ହଳଦୀପାଳ, ନଳବାହାର ପ୍ରଭୃତି ବଜାର କମିଟି କର୍ମକର୍ତ୍ତା ମଧ ଉପସ୍ଥିତ ଥିଲେ। ଦିନ ୨ଟା ପରେ ଦୋକାନ ଖୋଲା ଥିଲେ ସିଲ୍ କରାଯିବ ବୋଲି କୁହଯାଇଥିଲା।

### ଯୁଟିଆ ଜିଲା ସଭାପତିଙ୍କ ବିୟୋଗରେ ଶୋକସଭା

**କେନ୍ଦୁଝର, ୩।୭ (ସ୍ୱ.ପ୍ର./ଡି.ଏନ.ଏ.):** ନୃସିଂହ ନାରାୟଣ ଉଚ୍ଚ ବିଦ୍ୟାଳୟର, ଜାମୁଯୋଡିର ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ(ଯୁଟିଆ) ର ସଭାପତି ଅନାଦି ଚରଣ ବିଶ୍ୱାଳଙ୍କ ବିୟୋଗ ହୋଇଯାଇଛି। ତାଙ୍କ ବିୟୋଗରେ ଯୁଟିଆ ସଂଘର ଜିଲା ଓ ରାଜ୍ୟ କର୍ମକର୍ତ୍ତାମାନେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏହି ଉଦ୍ଦେଶ୍ୟରେ ଯୁଟିଆ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଣବ ରାଉତରାୟଙ୍କ ଅଧକ୍ଷତାରେ ଏକ ଭର୍ଚୁଆଲ ବୈଠକରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନୃସିଂହ ନାରାୟଣ ଉଚ୍ଚ ବିଦ୍ୟାଳୟର ଜାମୁଯୋଡିର ପ୍ରଧାନ ଶିକ୍ଷକ ଯତୀନ୍ଦ୍ର ମଣ୍ଡଳ, ସହକାରୀ ଶିକ୍ଷକ ହରିଶ ଚନ୍ଦ୍ର ପଢ଼ିଆରୀ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ସରଳତା, ନିଷ୍ଠାପରତା, ଛାତ୍ରବତ୍ସଳ, ବନ୍ଧୁପ୍ରେମୀ ଆଦି ଗୁଣ ଗାନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ବୈତରଣୀ ଶଯ୍ୟାରେ ଧାନଚାଷ

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୩।୭**

ବୈତରଣୀ ନଦୀଶଯ୍ୟାରେ ହେଉଛି ଧାନ ଚାଷ। ଶୁଣିଲେ ବା ନ ଦେଖିଲେ ବିଶ୍ୱାସ ହେବ ନାହିଁ। ଯେଉଁ ନଦୀରେ ବନ୍ୟା ଯୋଗୁ କେନ୍ଦୁଝର, ଭଦ୍ରକ ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ କ୍ଷୟକ୍ଷତି ହେଉଛି ସେହି ନଦୀର ଶଯ୍ୟା ଉପରେ ଜୁଆଙ୍ଗ ଜନଜାତି ବନବାସୀମାନେ ଧାନ ଚାଷ କରି ଚଳୁଛନ୍ତି। ବିଶେଷ କରି ସେଠାରେ ଖରାଟିଆ ଚାଷ କରିଥାନ୍ତି।

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଗୋନାସିକା ପାହାଡ଼ରୁ ପୁଣ୍ୟୋତୟା ବୈତରଣୀ ନଦୀ ବାହାରିଛି। ଏହି ନଦୀ ଝରଣା ଭଳି କୁଳୁକୁଳୁ ହୋଇ ତଳକୁ ତଳ ବୋହି ଜିଲାର ଯୋଡା, ଚମ୍ପୁଆ, ସାହାରପଡା, ପାଟଣା, ଘଷିପୁରା, ଆନନ୍ଦପୁର, ହାଟଡିହୀ ବ୍ଲକ ଦେଇ ପ୍ରବାହିତ ହୋଇଥାଏ। ଏହି ନଦୀରେ ବର୍ଷାଦିନରେ ବନ୍ୟା ଆସିଥାଏ। ବନ୍ୟାରେ ବିଶେଷ କରି ଘଷିପୁରା, ଆନନ୍ଦପୁର, ହାଟଡିହୀ ଆଦି ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟାଇଥାଏ। ଏଠାରେ ନଦୀ ଏକ ଧାର ଭାବରେ ବାହାରି ତଳକୁ ତଳ ବୋହିଯାଉଛି। ତେବେ ନଦୀର ଧାର କମ୍ ଥିବାରୁ ଉତ୍ପତ୍ତି ସ୍ଥଳ ଠାରୁ ପ୍ରାୟ ଗୋଟିଏ କିଲୋ ମିଟର ଦୂରରେ ପାଣିର ଧାର କମ ଥିବାରୁ ଏହାର ପଠାରେ ଜୁଆଙ୍ଗ ଲୋକମାନେ ଧାନ ଓ ଅନ୍ୟାନ୍ୟ ପନିପରିବା ଚାଷ କରିଆସୁଛନ୍ତି। ସରୁ ଜଳଧାର କଡରେ ବୋହିଯାଏ ଏବଂ ଲୋକମାନେ ନଦୀ ଶଯ୍ୟାରେ ଧାନ ବୁଣି ଚାଷ କରି ବେଶ ଅମଳ କରିଥାନ୍ତି। ଗୋନାସିକାରୁ ଜନ୍ତାରୀ ରାସ୍ତାରେ ଗଲେ ଏହି ନଦୀ ଉପରେ ଥିବା ପୋଲ ଉପରୁ ଏହି ଚାଷ ଦେଖି ଅନେକ ବିସ୍ମିତ ହୋଇଥାନ୍ତି।

ଏହି ନଦୀର ଉତ୍ପତ୍ତି ସ୍ଥଳରୁ ଏକ ବୃକ୍ଷମୂଳରୁ ପାଣି ଧାରରେ ବୋହି ମାଟିରେ ଲୁପ୍ତ ହୋଇଯାଏ। ପୁଣି କିଛି ବାଟ ପରେ ଏହା ପୁଣି ବାହାରି ତଳକୁ ତଳକୁ ପ୍ରବାହିତ ହୋଇଥାଏ। ବୈତରଣୀକୁ ଗଙ୍ଗା ଭାବରେ ପୁରାତନ ଜନଜାତି ଜୁଆଙ୍ଗମାନେ ବିଶ୍ୱାସ କରିଥାନ୍ତି। ଏଣୁ ଏଠାରେ ନଦୀର ଧାର ଗୁପ୍ତ ହୋଇ ପୁଣି ବାହାରି ଥିବାରୁ ଏହିସ୍ଥାନ ଗୁପ୍ତଗଙ୍ଗା ଭାବେ ପ୍ରସିଦ୍ଧି ଲାଭ କରିଛି। ଗୋନାସିକା ଅର୍ଥ ଗୋ ମାନେ ଗାଈ ନାସିକା ଅର୍ଥ ନାକ। ଏଠାରେ ବୈତରଣୀ ନଦୀ ଏକ ଗାଈର ନାକ ପୁଡ଼ାରୁ ବାହାରଥିବାରୁ ଏଭଳି ନାମକରଣ ହୋଇଥିବା କୁହାଯାଏ। ଏବେ ନୁହେଁ ବହୁ କାଳରୁ ନଦୀ ଶଯ୍ୟାରେ ଏଭଳି ଚାଷ କରିଆସୁଛନ୍ତି ବୋଲି ସ୍ଥାନୀୟ ଲକ୍ଷ୍ମଣ ଜୁଆଙ୍ଗ କୁହନ୍ତି।


ନଦୀଶଯ୍ୟାରେ ହୋଇଥିବା ଧାନ ଚାଷ।

## ୩ଦିନ ଧରି ଜଳେଶ୍ୱର ପୋଲିସର ଚଢ଼ାଉ

### ବ୍ରାଉନ୍‌ସୁଗାର ଲିଙ୍କ୍

**ଜଳେଶ୍ୱର, ୩।୭(ଡି.ଏନ.ଏ.)**

ବ୍ରାଉନସୁଗାର ପେଣ୍ଠସ୍ଥଳୀ ପାଲଟିଥିବା ବାଲେଶ୍ୱର ଜିଲାର ଜଳେଶ୍ୱର ଅଞ୍ଚଳରେ ୩ ଦିନ ହେଲା ପୋଲିସ ଧରପଗଡ ଓ ଚଢାଉ ଜାରି ରହିଛି। ଏସ୍‌ଟିଏଫ ପକ୍ଷରୁ ବହୁ ଧଳ ଜହର ଜବତ କରାଯାଉଥିବା ବେଳେ ଏବେ ଜଳେଶ୍ୱର ପୋଲିସ ଅଣ୍ଟା ଭିଡିଛି। ଗୁରୁବାର ରାତିରେ ଅନୁକୂଳ ମନ୍ଦିର ନିକଟରୁ ୨୦ଗ୍ରାମ, ଶୁକ୍ରବାର ମଧ୍ୟାହ୍ନରେ ଲେଭଲ କ୍ରସିଂ ନିକଟରୁ ୩୨ ଗ୍ରାମ ଓ ଶନିବାର ୨୦ ଗ୍ରାମ ଜବତ ହୋଇଛି। ଏହି ଘଟଣାରେ ୭ଜଣଙ୍କୁ ଅଟକ ରଖାଯିବା ସହ ସେମାନଙ୍କ ନିକଟରୁ ତଥ୍ୟ ଆଧାରରେ ଚଢାଉ କରାଯାଉଥିବା ଆଇଆଇସି ପର୍ଶୁରାମ ସାହୁ କହିଛନ୍ତି। ହେଲେ ଛୋଟ ଛୋଟ ନିଶା ବେପାରୀଙ୍କୁ ପୋଲିସ ଧରୁଥିବା ବେଳେ ଏହାର ମୁଖ୍ୟ କାର୍ପଟଦାର କାହାର ଛତ୍ରଛାୟା ତଳେ ରହିଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ୬୦ ନଂ. ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲପ୍ଲାଜା ନିକଟରେ ୨୨ କେଜି ଗଞ୍ଜେଇ ଜବତ ସହ ୨ଜଣଙ୍କୁ ଗିରଫ କରାଯାଇଛି। ଜଣେ ଖସିଯିବାରେ ସକ୍ଷମ ହୋଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏହି ଚଢାଉ ଜାରି ରହିଛି।

## ଚୋରା ଲୁହାପଥର ସହ ୨ ଟ୍ରକ୍ ଜବତ

**ଯୋଡ଼ା, ୩।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳର ବାମେବାରୀ ଥାନା ଅନ୍ତର୍ଗତ ଏଚ.ଜି ପାଣ୍ଡିଆ ବନ୍ଦ ଖଣିରୁ ଶୁକ୍ରବାର ସକାଳ ୮ଟା ବେଳେ ଡିଷ୍ଟ୍ରିକ୍ଟ ଲେଭଲ ଟାସ୍କ ଫୋର୍ସ (ଡିଏଲଟିଏଫ୍)ପ୍ରାୟ ୫ଲକ୍ଷ ଟଙ୍କାର ଚୋରା ଲୁହାପଥର ସହିତ ୨ଟି ଟ୍ରକ୍‌କୁ ଜବତ କରିଛି। ଉକ୍ତ ଖଣିରେ ପୂର୍ବରୁ ଗଚ୍ଛିତ ଥିବା ବହୁ ମୂଲ୍ୟବାନ ଉନ୍ନତମାନର ଲୁହାପଥର ୨ଟି ଟ୍ରକ ଯୋଗେ ଚୋରା ଚାଲାଣ କରୁଥିବାବେଳେ ଡିଏଲଟିଏଫ ଅତର୍କିତ ଚଢାଉ କରିଥିଲା। ଫୋର୍ସଗାଡ଼ି ଦେଖି ଖଣିଜ ଚୋର ଓ ଟ୍ରକ୍‌ର ଡ୍ରାଇଭର ସେଠାରୁ ଫେରାର ହୋଇଯାଇଥିଲେ। ଏହି ଡିଏଲଟିଏଫ୍‌ରେ ଯୋଡ଼ା ବନପାଳ ଅନିରୁଦ୍ଧ ପଣ୍ଡାଙ୍କ ସମେତ ଖଣି ଅଧିକାରୀ ଦୀପକ ଧୁଆଁ, ବାମେବାରୀ ଥାନା ସବଇନ୍ସପେକ୍ଟର ଅନୀଲ କୁମାର ସାମଲ ସାମିଲ ଥିଲେ। ଦୈନନ୍ଦିନ ଚୋରା କାରବାର ହେଉଥିଲେ ମଧ ଏହାର ବିଧିବଦ୍ଧ ତଦନ୍ତ କୌଣସି ବିଭାଗ ଦ୍ୱାରା କରା ନ ଯାଇ କେବଳ ଗାଡ଼ି ଜବତ କରି ବିଭାଗ ନୀରବ ରହୁଛି। ତେଣେ ଆନ୍ତଃରାଜ୍ୟ ଖଣିଜ ଚୋର ର୍‍ୟାକେଟ ସକ୍ରିୟ ହୋଇ ଚାଲିଛି।

# ରାସ୍ତା ମରାମତି କଲେ ଗ୍ରାମବାସୀ

**ଖଇରା, ୩।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ପଞ୍ଚାୟତ ଅଧୀନ କଣ୍ଟାପଡା ଶାସନ ଓ ଶାଳବଣି ଗ୍ରାମକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତା ୟାଶ ବନ୍ୟାରେ ଧୋଇଯିବା ପରେ ସାହିବାସିନ୍ଦା ଘରୁ ବାହାରକୁ ବାହାରି ପାରୁ ନ ଥିଲେ। ଏ ସମ୍ପର୍କରେ ପ୍ରଶାସନ ଓ ସ୍ଥାନୀୟ ନେତୃବୃନ୍ଦଙ୍କୁ ଅବଗତ କରାଯିବା ସତ୍ତ୍ୱେ ସୋମାନେ ଏଥିପାଇଁ ସମୟ ନେଇଥିଲେ। ସେପଟେ ସାମାନ୍ୟ ବର୍ଷାରେ ଗ୍ରାମବାସୀଙ୍କୁ ଘରୁ ଗୋଡ କାଢିବା ମୁସ୍କିଲ ହୋଇପଡିଲା। ଶେଷରେ ପ୍ରତ୍ୟେକ ପରିବାର ବ୍ୟକ୍ତିଗତ ଭାବେ ଅର୍ଥଭରଣା କରି ପାହାଡ ମାଟି କିଣି ରାସ୍ତା ମରାମତି କରୁଛନ୍ତି। ସେମାନଙ୍କର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।


ଗ୍ରାମବାସୀ ପାହାଡ ମାଟି ପକାଇ ରାସ୍ତା ମରାମତି କରୁଛନ୍ତି।

## ନାବାଳିକାଙ୍କ ବିବାହ ବନ୍ଦ କଲା ଚାଇଲ୍ଡଲାଇନ

**ଖଇରା, ୩।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ସାରୁଗାଁ ପଞ୍ଚାୟତ ଅଞ୍ଚଳରେ ଜଣେ ନାବାଳିକାଙ୍କ ବିବାହକୁ ଖଇରା ଚାଇଲ୍ଡଲାଇନ ସଦସ୍ୟମାନେ ବନ୍ଦ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ବିବାହ ସ୍ଥିର ହୋଇଥିବା ବେଳେ ଖଇରା ଚାଇଲ୍ଡଲାଇନ ନିର୍ଦ୍ଦେଶକ ମଦନମୋହନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ସଦସ୍ୟା ସାୟଂପ୍ରଭା ଦଳେଇ, ସଦସ୍ୟ ପଞ୍ଚାନନ ତ୍ରିପାଠୀ, ଚିତ୍ତରଞ୍ଜନ ପଣ୍ଡା ଓ ଜ୍ୟୋତିର୍ମୟ କର ପ୍ରମୁଖ ଖଇରା ପୋଲିସ ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କ ସହାୟତାରେ ଗ୍ରାମରେ ପହଞ୍ଚି ବାହାଘରକୁ ଅଟକାଇଥିଲେ।

## ଜଉକଣ୍ଢେଇ ଶିଳ୍ପୀଙ୍କୁ କରୋନା ସହାୟତା

**ବାଲେଶ୍ୱର ଅଫିସ, ୩।୭**

ମହାମାରୀ କରୋନା ସମୟରେ ହସ୍ତ କଳାକୃତି ବିକ୍ରିବଟା ହୋଇ ନ ଥିବା ବେଳେ ଶିଳ୍ପୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜଉକଣ୍ଢେଇ ସଚେତକ ଶିଳ୍ପୀ କେଶୁ ଦାସ ଓ ସାମାଜିକ ଅନୁଷ୍ଠାନ ଯୁବ ବିକାଶ ଅନୁରୋଧକ୍ରମେ ଆନନ୍ଦମାର୍ଗ ୟୁନିଭର୍ସିଆଲ ରିଲିଫ୍ ଟିମ୍, ଆନନ୍ଦନଗର ଡେଭଲପ୍‌ମେଣ୍ଟ ସୋସାଇଟି ଓ ୟୁ ଚି ଫାଉଣ୍ଡେଶନ ତରଫରୁ ୩୨ଜଉକଣ୍ଢେଇ ଶିଳ୍ପୀଙ୍କୁ ଚାଉଳ, ଅଟା, ଚୂଡ଼ା, ଆଳୁ, ଡାଲି, ମସଲା, ସୁଜି, ଚିନି, ତେଲ, ବିସ୍କୁଟ, ସାନିଟାଇଜର, ମାସ୍କ, ସାବୁନ ଆଦି ମାସକର ରାଶନ ଦିଆଯାଇଛି। ଏହି ରାଶନ ଠିକ୍ ଭାବେ ବଣ୍ଟନ ଶିଳ୍ପୀ କେଶୁଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଆନନ୍ଦମାର୍ଗ ବାଲେଶ୍ୱର ଶାଖାର ଭାସ୍କର ଜେନା, ଶରତ ଚୌଧୁରୀ, ଗୋବିନ୍ଦ ଦଳାଇ ପ୍ରମୁଖ ସହଯୋଗ କରିଥିଲେ। କୃତଜ୍ଞତା ସ୍ୱରୂପ ଜଉକଣ୍ଢେଇ ଶିଳ୍ପୀମାନେ ଅନୁଷ୍ଠାନଦାତାଙ୍କୁ ଜଉକଣ୍ଢେଇ ଉପହାର ପ୍ରଦାନ କରିଥିଲେ।



ଶିଳ୍ପୀଙ୍କୁ ରାଶନ ସାମଗ୍ରୀ ପ୍ରଦାନ କରାଯାଉଛି।

# ଟ୍ରକ୍ ବ୍ଲାକ୍ ଲିଷ୍ଟକୁ ନେଇ ବଢୁଛି ଅସନ୍ତୋଷ

**କେନ୍ଦୁଝର ୩।୭ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ବହୁ ସଂଖ୍ୟାରେ ଲୁହାପଥର ଟ୍ରକ୍ ଚଳାଚଳ କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଶୁଆକାଠି ସ୍ଥିତ ଗନ୍ଧମାର୍ଦ୍ଦନ ଖଣିରେ ମଧ ସମାନ ସମସ୍ୟା ସୃଷ୍ଟି ହେଉଛି। ଫଳରେ ଖଣି ଅଞ୍ଚଳ ରାସ୍ତା ତଥା ଏନ୍‌ଏଚ୍ ୪୯ ଅନେକ ସମୟରେ ଜାମ୍ ହୋଇ ଯାତାୟାତ ସମସ୍ୟା ସୃଷ୍ଟି ହେଉଥିବାରୁ ଅସନ୍ତୋଷ ଦେଖାଦେଉଛି। ଏଭଳି ସମୟରେ ସେମାନଙ୍କ ମଧ୍ୟରେ ଅଙ୍କୁଶ ଲଗାଇବା ପାଇଁ ଖଣି ମଧରେ ଏବଂ ବାହାରେ ଟ୍ରକ୍ ଟ୍ରାଫିକ ନିୟମ ମାନୁ ନ ଥିବା ଟ୍ରକ ଗୁଡିକୁ ଖଣି କର୍ତ୍ତୃପକ୍ଷ ତଥା ପୋଲିସ ବ୍ଲାକ ଲିଷ୍ଟ କରୁଥିବା ଜଣା ପଡିଛି। ରାସ୍ତା ଦୁରାବସ୍ଥା ଯୋଗୁ ଯାତାୟାତ ସମସ୍ୟା ସମାଧାନ ହେଉ ନ ଥିବା ବେଳେ ଏଭଳି ବ୍ଲାକ ଲିଷ୍ଟ କରାଯାଉଥିବାରୁ ଅନେକ ସମୟରେ ଟ୍ରକ ମାଲିକ ମାନେ ଅସନ୍ତୋଷ ବ୍ୟକ୍ତ କରି ପ୍ରତିବାଦ କରୁଛନ୍ତି। ସେହିପରି ଖଣି କର୍ତ୍ତୃପକ୍ଷ ଅଧିକ ସଂଖ୍ୟକ ଟ୍ରକ ଲୋଡିଂ ପାଇଁ ଅନୁମତି ଦିଆଯାଉଥିବା ଏବଂ ସେତିକି ସଂଖ୍ୟକ ଟ୍ରକ ଖଣିରେ ଲୋଡ ଖଲାସ ହୋଇପାରୁ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଥିବା କୁହାଯାଉଛି। ସେହିପରି ଅନେକ ସମୟରେ ଟ୍ରକ୍ ଚାଳକ ମାନେ ଲାଇନରେ ନ ଆସି ବେଆଇନ ଓଭରଟେକ କରୁଥିବାରୁ ରାସ୍ତା ଜାମ ହେଉଛି। ଏସମ୍ପର୍କରେ ଗନ୍ଧମାର୍ଦ୍ଦନ ଲୁହାପଥର ଖଣି (ଓଏମସି) ର ଆଞ୍ଚଳିକ ପ୍ରବନ୍ଧକ ଅନୁରାଗ ଓଝା କହିଛନ୍ତି, ଖଣି ଭିତରେ ଯେଉଁ ମାନେ ଟ୍ରାଫିକ ନିୟମ, ଓମଭିଡି ଆଇନ ଖିଲାପ କରୁଛନ୍ତି ସେମାନଙ୍କୁ ବ୍ଲାକ ଲିଷ୍ଟ କରାଯାଉଛି।

## ଜଳେଶ୍ୱର ଉପକାରାଗାରରେ '୫-ଟି'ର ଆଇଏସ୍‌ଓ ଟିମ୍

**ଜଳେଶ୍ୱର, ୩।୭(ଡି.ଏନ.ଏ.)**

ଉତ୍ତର ବାଲେଶ୍ୱର ଉପାନ୍ତ ଜଳେଶ୍ୱରରେ ଥିବା ଉପକାରଗାରର ଭିତ୍ତିଭୂମିର ବିକାଶ ଲାଗି ଶୁକ୍ରବାର ରାଜ୍ୟ ସରକାରଙ୍କ ୫-ଟିର ଆଇଏସ୍‌ଓ ଟିମ୍ ପରିଦର୍ଶନ କରିଛନ୍ତି। କାର୍ଯ୍ୟରତ ଜେଲର ଅନୁସୂୟା ଷଡଙ୍ଗୀ ଜେଲ ମଧରେ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ବିଚାରାଧୀନ କଏଦୀମାନଙ୍କ ମଧ୍ୟରେ ସୁଧାର ଲାଗି ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ତେଣୁ ୫ଟି ବିଭାଗର ଅଡିଟର ଦୀପକ କୁମାର ନାଥ, ଅତିରିକ୍ତ ଅଡିଟର ଜଗତମୋହନ ପଟ୍ଟନାୟକ ଓ ସିଦ୍ଧାନ୍ତ ପ୍ରଧାନ ପ୍ରମୁଖ ଜେଲ ପରିସରର ବିଭିନ୍ନ ଭିତ୍ତିଭୂମି ପରିଦର୍ଶନ କରିବା ସହିତ କାଗଜପତ୍ର ଯାଞ୍ଚ କରିଥିଲେ। ଜେଲ ମଧରେ ପ୍ରାକୃତିକ ପରିବେଶ ଓ ଅନ୍ତେବାସୀ ପରିବର୍ତ୍ତନରେ ସନ୍ତୁଷ୍ଟ ହୋଇ ଏହାକୁ ଆଇଏସ୍‌ଓ ମୋହର ଲଗାଇବା ସମ୍ଭାବନା ରହିଛି ବୋଲି ଜେଲର ଷଡଙ୍ଗୀ କହିଛନ୍ତି।

# ନିମ୍ନମାନର ରାସ୍ତାକୁ ବିରୋଧ

**ଖଇରା, ୩।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅନ୍ତରା ଗ୍ରାମରେ ଚାଲିଥିବା ୨ଟି କଂକ୍ରିଟ ରୋଡ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ଅଭିଯୋଗରେ ଗ୍ରାମବାସୀ ଶୁକ୍ରବାର ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ଗ୍ରାମର ଅଡା-ବିଷ୍ଣୁପୁର ମୁଖ୍ୟରାସ୍ତାଠାରୁ ବଡ ନାୟକସାହି ଓ ଅନ୍ୟ ଏକ ମୁଖ୍ୟ ରାସ୍ତାଠାରୁ ସେଠୀସାହି ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତା ପାଇଁ ୪ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ହେଲେ ଏଷ୍ଟିମେଟଠାରୁ କମ୍ କଞ୍ଚାମାଲ ବ୍ୟବହାର କରି ରାତିଅଧିଆ ରାସ୍ତା ନିର୍ମାଣ କରାଯାଇଥିବାରୁ ଏହାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ଏହି ଗୋଟିଏ କାର୍ଯ୍ୟ ନୁହେଁ ଅଧିକାଂଶ କାର୍ଯ୍ୟରେ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବାରୁ ଏଭଳି ନିମ୍ନମାନର କାର୍ଯ୍ୟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ବେଆଇନ କାର୍ଯ୍ୟର ତଦନ୍ତ ପାଇଁ ଗ୍ରାମର ରଘୁନାଥ ଦାସ, ମନ୍ଦରା ନାୟକ, ନିଖିଳ କୁମାର ନାୟକଙ୍କ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି।

## ଧାନକିଣା ଅବ୍ୟବସ୍ଥା ପ୍ରତିବାଦରେ ବିକ୍ଷୋଭ

**ଭଦ୍ରକ ଅଫିସ, ୩।୭**

ରବି ଋତୁରେ ଧାନକିଣାରେ ଅବ୍ୟବସ୍ଥାକୁ ନେଇ ଭାଜପାର ଭଦ୍ରକ ଜିଲା କୃଷକ ମୋର୍ଚ୍ଚା ପକ୍ଷରୁ ଯୋଗାଣ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସରକାର ଟୋକନ ଦେଇଥିବା ସମସ୍ତ ଚାଷୀଙ୍କ ଧାନ ଉଠାଇବା ପାଇଁ ଦାବି କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ଅଶୋକ କୁମାର ରାଉଳ ନେତୃତ୍ୱ ନେଇଥିଲେ। ଜିଲା ଭାଜପା ସଭାପତି ହେମନ୍ତ ପାଢ଼ୀ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଭଣ୍ଡାରିପୋଖରୀ ନେତା ବଦ୍ରିନାରାୟଣ ଧଳ, ଜିଲା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ, ଅଶୋକ ପରିଜା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ଦାଶ, କୃଷକ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସାହୁ, ସଭାପତି ପ୍ରଭାକର ସାମଲ ପ୍ରମୁଖ ଏକ ଦାବିପତ୍ର ଜିଲା ଯୋଗାଣ ଅଧିକାରୀ ରଞ୍ଜନ ସେଠ୍‌ଙ୍କୁ ପ୍ରଦାନ କରିଥିଲେ।

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

# ରେମୁଣା ଥାନା ମୁରବି ଶୂନ୍ୟ

### ଅଧିକାରୀ ନିଯୁକ୍ତି ଲାଗି ଦାବିପତ୍ର

**ରେମୁଣା, ୩।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରେମୁଣା ଥାନାରେ ଗତ ମାସେ ହେବ ଅଧିକାରୀ ନାହାନ୍ତି। ଶ୍ରୀବଲ୍ଲଭ ସାହୁଙ୍କ ବଦଳି ପରେ ଉକ୍ତ ପଦ ମାସେ ହେବ ଫାଙ୍କା ପଡ଼ିଛି। ଫଳରେ ଏହି ଥାନା ଏକପ୍ରକାର ମୁରବି ଶୂନ୍ୟ ହୋଇପଡ଼ିଛି। ଥାନା ଅଞ୍ଚଳରେ ବାଲଗୋପାଳପୁର ଶିଳ୍ପାଞ୍ଚଳ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ରେମୁଣା ବଜାର ସମେତ ଦୁର୍ଗାଦେବୀ, ଗୁଡୁଦା, ବାଲିପାଳ, ହାତୀଆଗଣ୍ଡ, ଖରିଦମୁଖୁରା ଭଳି ଛୋଟ ଛୋଟ ବଜାର, ଡାକ୍ତରଖାନା, ଜିଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ କେନ୍ଦ୍ର, ପ୍ରସିଦ୍ଧ କ୍ଷୀରଚୋରା ଗୋପୀନାଥ, କନକଦୁର୍ଗା ଓ ଇମାମୀ ନଗର ଜଗନ୍ନାଥ ମନ୍ଦିର ରହିଛି। ଏହା ବ୍ୟତୀତ ଅନେକ ସରକାରୀ ବେସରକାରୀ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଆଦି ରହିଛି। ଦୈନିକ ଏକାଧିକ ଘଟଣା, ଦୁର୍ଘଟଣା ଏହି ଥାନା ଅଞ୍ଚଳରେ ଘଟିଥାଏ। ତୁରନ୍ତ ଥାନା ଅଧିକାରୀ ନିଯୁକ୍ତି ଦେବା ପାଇଁ ରେମୁଣା ଖବରଦାତା ସଂଘ ପକ୍ଷରୁ ସଭାପତି ଲକ୍ଷ୍ମୀଧର ଗାଁଣ, ସମ୍ପାଦକ ସୁରେଶ ଦାସ, ଉପସଭାପତି ରଣଜିତ ପାକଳ, କୋଷାଧକ୍ଷ ରବୀନ୍ଦ୍ର ମହାକୁଡ଼, ବରିଷ୍ଠ ଖବରଦାତା ରତିକାନ୍ତ ପାତ୍ର ପ୍ରମୁଖ ପୂର୍ବାଞ୍ଚଳ ଆଇଜିଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ।

# ଖତ ଖାଉଛି ବାଇକ୍ ଆମ୍ବୁଲାନ୍ସ

**ଭଦ୍ରକ ଅଫିସ, ୩।୭**

ଗମନାଗମନ ସୁବିଧା ନ ଥିବା ଉପାନ୍ତ ଅଞ୍ଚଳରୁ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ଆଣିବାରେ ସହାୟକ ହେବ। ଏହି ଉଦ୍ଦେଶ୍ୟରେ ଭଦ୍ରକ ଜିଲାକୁ ହିରୋ ମୋଟୋକର୍ପ ପକ୍ଷରୁ ୨୦୨୦ ଡିସେମ୍ବର ୨୩ରେ ୨ଟି ଅତ୍ୟାଧୁନିକ ବାଇକ୍ ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିଲା। ହେଲେ ଏହି ଆମ୍ବୁଲାନ୍ସ ଏବେ ଖତ ଖାଉଛି। ଦେଖିଲେ ଲାଗୁଛି ଆଦୌ ବ୍ୟବହାର ହୋଇନାହିଁ। ନିକଟରେ ଟ୍ରଲିରେ ରୋଗୀ ମେଡିକାଲକୁ ବୁହା ହୋଇଆସିଥିଲେ। ବାଇକ୍ ଆମ୍ବୁଲାନ୍ସ ବ୍ୟବସ୍ଥା ସତ୍ତ୍ୱେ ରୋଗୀ ଏଭଳି ବୁହା ହୋଇ ଡାକ୍ତରଖାନାକୁ ଆସିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସୂଚନାଯୋଗ୍ୟ, ୨ଟି ବାଇକ୍ ଆମ୍ବୁଲାନ୍ସ ମଧ୍ୟରୁ ଗୋଟିଏ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟଟି ଚାନ୍ଦବାଲି ଡାକ୍ତରଖାନାକୁ ଦିଆଯାଇଥିଲା। ଏ ସମ୍ପର୍କରେ ସିଡିଏମ୍‌ଓ ଡା. ସନ୍ତୋଷ ପାତ୍ରଙ୍କୁ ପଚାରିବାରୁ ଆବଶ୍ୟକ ପଡ଼ିଲେ ଏହି ଆମ୍ବୁଲାନ୍ସ କାମରେ ଲାଗିବ ବୋଲି କହିଛନ୍ତି।



ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ବାଇକ୍ ଆମ୍ବୁଲାନ୍ସ।

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
AIIMS/BBSR/ELE-2021/O&M 33 KV SUBSTN-I&II/106 Dated: 02nd July 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for **"Operation and Comprehensive Annual Maintenance Contract of 33/0.433 KV Substation (I & II) and External Light with Operation Services of DG Set & UPS at Hospital Campus AIIMS, Bhubaneswar."** Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website www.aiimsbhubaneswar.nic.in.
Sd/-
Executive Engineer (Electrical)
AIIMS, Bhubaneswar

## ଟ୍ରେନ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ରୂପ୍ସା,(ଡି.ଏନ.ଏ.): ଦକ୍ଷିଣପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପ୍ସା ରେଳ ଜଙ୍କସନଠାରେ ଶନିବାର ଟ୍ରେନ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରୂପ୍ସା ଥାନା ପୋଡାଡ଼ିହା ଗ୍ରାମର ସଦାଶିବ ବେହେରା (୬୫)। ସେ ରେଳଧାରଣା ଅତିକ୍ରମ କରୁଥିବା ବେଳେ ଦକ୍ଷିଣ କେବିନ୍‌ଠାରେ ଅପଲାଇନ୍‌ରେ ଏକ ମାଲବାହୀ ଟ୍ରେନ୍ ଧକ୍କା ଦେଇଥିଲା। ଖବରପାଇ ଜିଆର୍‌ପି ଥାନା ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ହୋଇଛି।

## ସଂକ୍ଷେପରେ

### ଛତୁଆ ପ୍ୟାକେଟ୍ ଓଜନରେ ଠକେଇ 'ମନୁଷ୍ୟକୃତ ନୁହେଁ, ଯାନ୍ତ୍ରିକ ତ୍ରୁଟି'

ସଜନାଗଡ, ୩।୭(ଡି.ଏନ.ଏ.): ଛତୁଆ ପ୍ୟାକେଟ୍ ଓଜନରେ ଠକେଇ କରାଯାଉଥିବା ନେଇ ନୀଳଗିରି ଭାଜପା ପକ୍ଷରୁ ଅଭିଯୋଗ ହେବା ପରେ ଶନିବାର ଖବରଦାତା ସମ୍ମିଳନୀ କରି ଜବାବ ରଖିଛନ୍ତି ଶକ୍ତିମୀରା ଏସ୍‌ଏଚ୍‌ଜିର ସଭାପତି, ସମ୍ପାଦିକା ଓ ସଦସ୍ୟାମାନେ। ଏସଏଚଜି ପକ୍ଷରୁ କୁହାଯାଇଛି ତାହା ମନୁଷ୍ୟକୃତ ନୁହେଁ, ଯାନ୍ତ୍ରିକ ତ୍ରୁଟି। ଅପରପକ୍ଷରେ ସିଡିପିଓଙ୍କ ନିର୍ଦ୍ଦେଶ ପାଇ ସମ୍ପାଦିକା ରଜନୀ ମହାନ୍ତି, ସଭାପତି କୁମୁଦିନୀ ସାହୁ ଓ କର୍ମକର୍ତ୍ତାମାନେ ଘଟଣାସ୍ଥଳ ପରିଦର୍ଶନ କରି ସମସ୍ତ ବିଷୟରେ ଅବଗତ ହେଲା ପରେ ଛତୁଆ, ଲଡୁ, ସୁଜିକୁ ଫେରସ୍ତ କରିବା ସହିତ ନିଜର ଓଜନ ମାପ ଯନ୍ତ୍ରକୁ ଯାଞ୍ଚ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିବା ଜଣାଇଥିଲେ। ଏହାସହ ମାର୍ଚ୍ଚରେ ବଟକରା ରିନ୍ୟୁଆଲ ହୋଇଥିବା ସାର୍ଟିଫିକେଟକୁ ମଧ ଖବରଦାତା ସମ୍ମିଳନୀରେ ଦେଖାଇଥିଲେ।

### ପୂର୍ବତନ କୁଳପତିଙ୍କ ବିୟୋଗରେ ଶୋକ

ବାରିପଦା ଅଫିସ,୩।୭-ବାରିପଦା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସଂଘମିତ୍ରା ମହାନ୍ତିଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କୁଳସଚିବ ସହଦେବ ସମାଧିଆଙ୍କ ପରିଚାଳନାରେ ଆୟୋଜିତ ସଭାରେ ବିଶ୍ୱବିଦ୍ୟାଳୟର କୁଳପତି କିଶୋର କୁମାର ବସା ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଅନିଲ କୁମାର ବିଶ୍ୱାଳ ସ୍ମୃତିଚାରଣ କରିଥିଲେ। ପ୍ରଫେସର ମହାନ୍ତି ୨୦୧୧ରୁ ୨୦୧୪ ପର୍ଯ୍ୟନ୍ତ କୁଳପତି ରହି ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ କରି ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ସଜାଡ଼ିଥିଲେ। ଓଡ଼ିଶା ବିଜ୍ଞାନ ଏକାଡେମୀର ସଭାପତି ପଦ ମଣ୍ଡନ କରି ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ ଦିଗରେ ତାଙ୍କର ଯଥେଷ୍ଟ ଅବଦାନ ରହିଛି ବୋଲି ବକ୍ତବ୍ୟ ରଖିଥିଲେ। ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀ ଶୋକ ପ୍ରକାଶ କରିଥିଲେ।

### ଶନି ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବନ୍ତ,୩।୭(ସ୍ୱ.ପ୍ର.)-ଭଦ୍ରକ ଜିଲା ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ସରମରାଠାରେ ୩ ଦିନ ଧରି ଚାଲିଥିବା ଶନିଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିନରେ କଳସ ଯାତ୍ରା ଓ ତୃତୀୟ ଦିନରେ ଗ୍ରହରାଜଙ୍କ ପ୍ରାଣ ପ୍ରତିଷ୍ଠା ଓ ଷୋଡ଼ଶ ଉପଚାର ପୂଜା ପରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। କୋଭିଡ୍ ନିୟମ ଅନୁସାରେ ସୀମିତ ପୂଜକ ଓ ଭକ୍ତଙ୍କୁ ନେଇ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ କରାଯାଇଥିଲା।

### ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା

ଭଦ୍ରକ ଅଫିସ,୩।୭-ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ତାଳପଦା ପଞ୍ଚାୟତ ଗଦାଧରପୁର ଗାଁର କରୋନାରେ ମୃତ ଅଟୋ ଚାଳକ ଭରତ ଯେନାଙ୍କ ପରିବାରକୁ ୪ ଲକ୍ଷ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ତିହିଡ଼ିର ଜୀବନଜ୍ୟୋତି ସଙ୍ଗଠନ ତତ୍ତ୍ୱାବଧାନରେ ଏହି ସହାୟତା ଦିଆଯାଇଛି। ଅନେକ ସଙ୍ଗଠନ ଓ ବ୍ୟକ୍ତି ଯୋଗାଇ ଦେଇଥିବା ଏହି ସହାୟତା ଗୁରୁବାର ଭରତଙ୍କ ସ୍ତ୍ରୀ ସୁନିତାଙ୍କୁ ପ୍ରଦାନ କରାଯାଇଛି। ଜୀବନଜ୍ୟୋତି ସଙ୍ଗଠନର ମୁଖ୍ୟ ଧୀରେନ୍ଦ୍ର ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ତାଳପଦା ସରପଞ୍ଚ ପ୍ରମୋଦ ବେହେରାଙ୍କ ଉପସ୍ଥିତିରେ ପ୍ରଦାନ କରିଥିଲେ। ସେହିପରି ବିଦ୍ୟାଧର ପତି ଓ ଅନନ୍ତ ନାରାୟଣ ପଣ୍ଡା ମୃତ ଭରତଙ୍କ ୨ ପୁଅଙ୍କ ପାଠପଢ଼ା ଲାଗି ୬ ହଜାର ଟଙ୍କାର ସହାୟତା ପ୍ରଦାନ କରିବା ସହ ପ୍ରତି ମାସ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

### ବିଦାୟ ସମ୍ବର୍ଦ୍ଧନା

ବନ୍ତ,୩।୭(ସ୍ୱ.ପ୍ର.)-ଭଦ୍ରକ ଜିଲା ବନ୍ତ ବ୍ଲକ ଆଡ଼ିଆ ଆରଡ଼େଶ୍ୱର ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଯୁଧିଷ୍ଠିର ନାୟକଙ୍କୁ ଅନ୍ତିମ କାର୍ଯ୍ୟ ଦିବସରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ଓଷ୍ଟାର ଭଦ୍ରକ ଜିଲା ଉପସଭାପତି ସନ୍ତୋଷ କୁମାର ଜେନା, ବ୍ଲକ ସହ ସମ୍ପାଦକ ଶ୍ରୀକାନ୍ତ କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ଦ୍ୱିବେଦୀ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ଜେନା, ଶିକ୍ଷକ ରବୀନ୍ଦ୍ର ପ୍ରସାଦ ନନ୍ଦ, ଶଙ୍କର୍ଷଣ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ଥିତି ଅନୁଧାନ କଲେ ତହସିଲଦାର

### ଦୁର୍ଗାଦେବୀ ଅଞ୍ଚଳରେ ପ୍ରାଚୀନ ସହର

ବାଲେଶ୍ୱର ଅଫିସ, ୩।୭



ମାଟିତଳୁ ମିଳିଥିବା ବିଭିନ୍ନ ସାମଗ୍ରୀ ।



ରେମୁଣା ତହସିଲଦାର ମନୋଜ କୁମାର ସେନାପତି ସ୍ଥିତି ଅନୁଧାନ କରୁଛନ୍ତି।

ବାଲେଶ୍ୱର ଜିଲା ରେମୁଣା ତହସିଲ ଦୁର୍ଗାଦେବୀ ଅଞ୍ଚଳରେ ପ୍ରାଚୀନ ସହର ଓ ପ୍ରାକ୍ ଐତିହାସିକ ସଭ୍ୟତାର ସନ୍ଧାନ ମିଳିଛି। ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରେ ପ୍ରାକ୍ ଐତିହାସିକ ସଭ୍ୟତାଠାରୁ ଆରମ୍ଭ କରି ବୌଦ୍ଧ, ଜୈନ ଓ ନୌବାଣିଜ୍ୟର ବହୁ ପ୍ରମାଣ ମିଳିଛି। ପ୍ରତ୍ନତାତ୍ତ୍ୱିକ ବିଭାଗ ତରଫରୁ ଏନେଇ ଏକ ପ୍ରେସ୍ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଶନିବାର ରେମୁଣା ତହସିଲଦାର ମନୋଜ କୁମାର ସେନାପତି ଉକ୍ତ ସ୍ଥାନକୁ ପରିଦର୍ଶନ କରିଥିଲେ। ସେ କହିଛନ୍ତି, ଓଡ଼ିଶାର ପ୍ରାକ୍ ଐତିହାସିକ ଯୁଗ ଯାହାକି ଏଠାରେ ତାମ୍ରପାଷାଣ ଯୁଗ ସମସାମୟିକ ଖ୍ରୀଷ୍ଟପୂର୍ବ ୨୧୦୦ରୁ ୧୦୦୦ ସମୟରେ ଏଠାକାର ଉନ୍ନତ କୃଷି ସଭ୍ୟତାର ବିକାଶ, ପରେ ଖ୍ରୀଷ୍ଟ ପୂର୍ବ ୧୫୦୦ରୁ ୬୦୦ ବର୍ଷ ସମୟର ଲୌହ ଯୁଗର ବିକାଶ, ଉନ୍ନତ ଲୌହ ସାମଗ୍ରୀର ବହୁଳ ବ୍ୟବହାର, ପରବର୍ତ୍ତୀ ସମୟରେ ଖ୍ରୀଷ୍ଟ ପୂର୍ବ ୪୦୦ ବେଳକୁ ସଭ୍ୟତାର ବିକାଶର ଚିତ୍ର ଓଡ଼ିଶା ତଥା ପୂର୍ବ ଭାରତରେ ଏକ ଦୃଷ୍ଟାନ୍ତ ଦୁର୍ଗାଦେବୀରୁ ପ୍ରାପ୍ତ ହୋଇଛି। ଦୁର୍ଗାଦେବୀର ବୈଜ୍ଞାନିକ ସମୟ ନିରୂପଣ ପାଇଁ ନୂଆଦିଲ୍ଲୀ ୟୁଜିସିର ପରୀକ୍ଷାଗାରକୁ ପରୀକ୍ଷଣ ପାଇଁ ଯୋଗାଯୋଗ କରାଯାଇଛି। କୋଭିଡ୍ ଯୋଗୁ ଉତ୍‌ଖନନ କାର୍ଯ୍ୟ ବନ୍ଦ ରହିଛି। ବାଲେଶ୍ୱର ଜିଲା ଆଜକୁ ୪ହଜାର ବର୍ଷ ପୂର୍ବରୁ ଉନ୍ନତି କୃଷି ସଂସ୍କୃତି ରହିଥିବା ସଙ୍ଗେ ସଙ୍ଗେ ସହରୀକରଣ ୨୪୦୦ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ପ୍ରମାଣ ହସ୍ତଗତ ହୋଇଛି। ଏହା ଓଡ଼ିଶା ଇତିହାସ ଓ ସଂସ୍କୃତିର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବା ସହ ଭାରତ ଇତିହାସକୁ ଋଦ୍ଧିମନ୍ତ କରିବାରେ ସାହାଯ୍ୟ କରିବ ବୋଲି ପ୍ରକାଶ କରିଛନ୍ତି।

ଉତ୍କଳୀୟ ନୌବାଣିଜ୍ୟ ଓ ଦକ୍ଷିଣପୂର୍ବ ଏସୀୟ ଗବେଷଣା ପ୍ରତିଷ୍ଠାନ ୨୦୧୯-୨୦ରେ ବୁଢ଼ାବଳଙ୍ଗ ଓ ସୋନ ନଦୀ ଅବବାହିକା ଅଞ୍ଚଳରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସମୟରେ ରେମୁଣାର ଦୁର୍ଗାଦେବୀ ଓ ବାଲେଶ୍ୱର ସହର ସନ୍ନିକଟ ରଣସାହିଠାରେ ସହରୀ ସଭ୍ୟତାର ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଉପଲବ୍ଧ ହୋଇଥିଲା। ଆଜକୁ ପ୍ରାୟ ୨୫ଶହ ବର୍ଷ ପୂର୍ବେ ଦୁର୍ଗାଦେବୀ ପ୍ରାଚୀନ ସହର ବୁଢ଼ାବଳଙ୍ଗ ଓ ସୋନ ନଦୀ ଅବବାହିକାର ମଧ୍ୟଭାଗରେ ୫କିଲୋମିଟର ପରିଧି ବିଶିଷ୍ଟ ମାଟି ନିର୍ମିତ ବିଭିନ୍ନ ପ୍ରକାର ସାମଗ୍ରୀ ଦ୍ୱାରା ପରିବେଷ୍ଟିତ ଥିଲା। ଏହାର ସବିଶେଷ ପ୍ରମାଣ ପାଇଁ ପ୍ରତ୍ନତାତ୍ତ୍ୱିକ ଅବଶେଷ ପର୍ଯ୍ୟାଲୋଚନା ପରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ଠାରୁ ଉତ୍‌ଖନନ ନିମନ୍ତେ ସ୍ୱୀକୃତି ମିଳିଥିଲା। ପରେ ୨୦୨୦-୨୧ ବର୍ଷରେ ଦୁର୍ଗାଦେବୀଠାରେ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଅନୁମୋଦନ କରିଥିଲେ। ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ନିର୍ଦ୍ଦେଶକ ରଞ୍ଜନ ଦାସଙ୍କ ମାର୍ଗଦର୍ଶନ ଓ ପ୍ରତ୍ନତତ୍ତ୍ୱବିତ୍ ଡ. ସୁନୀଲ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଗତ ମାର୍ଚ୍ଚରୁ ଆରମ୍ଭ ହୋଇ ମେ ୫ ରେ ଶେଷ ହୋଇଥିଲା। ଏହି ଉତ୍‌ଖନନ ସମୟରେ ତାମ୍ର, ପାଷାଣ ଯୁଗର କଳା ରଙ୍ଗରେ ଚିତ୍ରିତ ମାଟିପାତ୍ର, କଳା ଓ ଲାଲ୍ ମାଟିପାତ୍ର, ତାମ୍ର ନିର୍ମିତ ବସ୍ତୁ, ବୃତ୍ତାକାର ଘର, ଲୌହ ଯୁଗ ସମୟର ପ୍ରାଚୀନ ମାଟିପାତ୍ର, ଅଳଙ୍କାର ଏବଂ ପ୍ରାଚୀନ ଐତିହାସିକ ଯୁଗ ସମୟର ଲାଲ୍ ମାଟିପାତ୍ର, ଧୂସର ରଙ୍ଗର ମାଟିପାତ୍ର ଆଦିର ସନ୍ଧାନ ମିଳିଛି।

## ୧୫ଘଣ୍ଟା ବିଦ୍ୟୁତ୍ କାଟ, ଲୋକେ ଅତିଷ୍ଠ

ଭୋଗରାଇ, ୩।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକକୁ ଗତ ମେ'ରେ ରାଜ୍ୟ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ପରିଦର୍ଶନରେ ଆସି ବାତ୍ୟା 'ୟାସ୍' କ୍ଷୟକ୍ଷତି ଅନୁଧାନ କରିବା ସହ ୭ଦିନ ମଧ୍ୟରେ ବିଦ୍ୟୁତ୍ ସମସ୍ୟାର ସମାଧାନ କରାଯିବାକୁ ବିଦ୍ୟୁତ୍ ବିଭାଗର ଉଚ୍ଚପଦାଧିକାରୀଙ୍କୁ ତାଗିଦ୍ କରିଥିଲେ। କିନ୍ତୁ ମନ୍ତ୍ରୀଙ୍କ ଆଗମନକୁ ମାସେ ବିତିଲାଣି। ହେଲେ ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି ଯୋଗୁ ଭୋଗରାଇ ଅଞ୍ଚଳର ବିଦ୍ୟୁତ୍ ସମସ୍ୟାର ସମାଧାନ ହେଉନାହିଁ। ସାତଗୋହଳିଆ ଗ୍ରାମରେ ଗ୍ରୀଡ୍ ସ୍ଥାପନ କରାଯାଇଥିଲେ ମଧ ଦୀର୍ଘ ସମୟ ବିଦ୍ୟୁତ୍‌କାଟ୍ ସମାଧାନ ହେଉନି। ଟ୍ରାନ୍ସଫର୍ମର, ନୂତନ ତାର, ଭାଙ୍ଗିଯାଇଥିବା ବିଦ୍ୟୁତ୍ ଖୁଣ୍ଟି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ ମନ୍ତ୍ରୀ ତାଗିଦ୍ କରିଥିବା ବେଳେ ବିଜୁଳି ବିଭାଗର କାର୍ଯ୍ୟ ସୁଧୁରୁ ନ ଥିବାରୁ ମନ୍ତ୍ରୀଙ୍କ ବାହାସ୍ଫୋଟକୁ ଲୋକେ ସମାଲୋଚନା କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରୁ ୧୫ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ କରାଯାଇଥିବାରୁ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି। ବାରମ୍ବାର ବିଦ୍ୟୁତ୍ ସମସ୍ୟା ଲାଗି ରହିଥିବାରୁ ବର୍ଦ୍ଧିତ ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର ଦାବିରେ ଭୋଗରାଇ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ଖୁବ୍‌ଶୀଘ୍ର ବୃହତ୍ତର ଆନ୍ଦୋଳନ କରାଯିବ ବୋଲି ସମ୍ପାଦକ ଚିତ୍ତରଞ୍ଜନ ଦାସ ଚେତାବନୀ ଦେଇଛନ୍ତି।

## ଉନ୍ନୟନ କାର୍ଯ୍ୟ ଦେଖିଲେ ବିଧାୟକ



ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରୁଛନ୍ତି ବିଧାୟକ ସ୍ୱରୂପ କୁମାର ଦାସ।

ବାଲେଶ୍ୱର ଅଫିସ, ୩।୭

ବାଲେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ଦରଘାମୈଦାନ ପାର୍ଶ୍ୱବର୍ତ୍ତୀ କ୍ୱାଦମ ରସୁଲ କବରସ୍ଥାନ, ଭାସ୍କରଗଞ୍ଜରେ ନିର୍ମାଣାଧୀନ ବାପଟିଷ୍ଟ ଚର୍ଚ୍ଚର କବରସ୍ଥାନ ଏବଂ କ୍ୟାଥଲିକ ଚର୍ଚ୍ଚ କବରସ୍ଥାନର ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟକୁ ଶନିବାର ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ତଦାରଖ କରିଛନ୍ତି। କାର୍ଯ୍ୟକ୍ରମରେ ବାଲେଶ୍ୱର ଉପଜିଲାପାଳ ତଥା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ ଈଶ୍ୱର ପାଟିଲ, ଟାଉନ ସଭାପତି ସନତ ଦାସ, ବାଲେଶ୍ୱର ମ୍ୟୁନିସିପାଲିଟି ପୂର୍ବତନ ଉପନଗରପାଳ ମନୋଜ ରାଉତ, ଆସମାନ ବିବି, ଶେଖ ରାଜୁ, ସେକ ସାକିର, ପୂର୍ଣ୍ଣଚନ୍ଦ୍ର ନାୟକ, ସଞ୍ଜୟ ବେହେରା, ସୁଦୀପ୍ତ ବେହେରା, କୈଳାଶ ଦାସ, କୈଳାଶ ସେଠି, ଶୈଳେନ୍ଦ୍ର ସିଂ, କବିତା ମୁର୍ମୁ ଓ ବିଳାସିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରି ମାମଲା: ୨ଯୁବକଙ୍କୁ ଗିରଫ କଲା ପୋଲିସ

ବାହାନଗା, ୩।୭ (ଡି.ଏନ.ଏ.)

ବାଲେଶ୍ୱର ବାହାନଗା ବ୍ଲକ ବିଷ୍ଣୁପୁର ଗ୍ରାମର ୩ଟି ପୃଥକ ସ୍ଥାନରେ ଗତ ଗୁରୁବାର ରାତିରେ ଚୋରି ହୋଇଥିଲା । ଚୋରି ଅଭିଯୋଗରେ ଗୋପାଳପୁର ଫାଣ୍ଡିରେ ଅଟକ ଥିବା ଦୁଇ ଯୁବକଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଖନ୍ତାପଡା ଥାନାରେ ଏକ ମାମଲା(ନଂ. ୧୯୧/୨୧) ରୁଜୁ କରାଯାଇଛି। ଗିରଫ ଦୁଇ ଯୁବକ ହେଲେ ଶୁଭାଶିଷ ଦାସଅଧିକାରୀ, ସୂର୍ଯ୍ୟକାନ୍ତ ମହାଳିକ। ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଗୋପାଳପୁର ଫାଣ୍ଡି ଅଧିକାରୀ ପ୍ରକାଶ କରିଛନ୍ତି ।

## ବଜ୍ରପାତରେ ଚାଷୀ ମୃତ, ୨ ଗୁରୁତର

ଲଙ୍ଗଳେଶ୍ୱର/ରୂପ୍ସା/ପାଟଣା, ୩।୭(ଡି.ଏନ.ଏ.)

ବାଲେଶ୍ୱର ଓ କେନ୍ଦୁଝର ଜିଲାରେ ବଜ୍ରପାତ ହୋଇ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଯୁବତୀ ଗୁରୁତର ହୋଇଛନ୍ତି। ମୃତ ଚାଷୀ ହେଲେ ସିଂଲା ଥାନା ଅଧୀନ ନାବରା ଗ୍ରାମରେ ରବୀନ୍ଦ୍ର ସିଂହ (୫୯)। ଅପରାହ୍ନରେ ରବୀନ୍ଦ୍ର ବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶନିବାର ସକାଳେ ଗ୍ରାମର ଲୋକମାନେ ବିଲକୁ କାମ କରିବାକୁ ଯିବା ବେଳେ ସେଠାରେ ରବୀନ୍ଦ୍ରଙ୍କର ମୃତଦେହ ପଡିଥିବା ଦେଖିଥିଲେ। ତାଙ୍କ ପୁଅ ବିଲରେ ପହଞ୍ଚି ବାପାଙ୍କ ମୃତଦେହ ଘରକୁ ଆଣିଥିଲେ। ଏନେଇ ନିରଞ୍ଜନ ସିଂଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୨୧) ରୁଜୁ କରି ଘଟଣାର ତଦନ୍ତ କରୁଛି।

କେନ୍ଦୁଝର ଜିଲା ପାଟଣା ବ୍ଲକ ବାଉଁଶୁଳୀ ପଞ୍ଚାୟତ ନିଶ୍ଚିନ୍ତପୁର ଗ୍ରାମରେ ଶନିବାର ସନ୍ଧ୍ୟାରେ ବିଲରୁ କାମ କରି ଫେରୁଥିବା ବେଳେ ୨ଯୁବତୀ ବଜ୍ରପାତର ଶିକାର ହୋଇ ଗୁରୁତର ହୋଇଛନ୍ତି। ସେମାନେ ହେଲେ ହରିଚନ୍ଦନପୁର ଥାନା ଜାମୁପଶି ଗ୍ରାମର ମଞ୍ଜରୀ ମୁଣ୍ଡା ଓ ରଶ୍ମି ମୁଣ୍ଡା। ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

## ବଢ଼ି ଚାଲିଛି ମହୁଲି ମଦ ବେପାର

ଭଣ୍ଡାରିପୋଖରୀ, ୩।୭ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଚୋରାରେ ମହୁଲି ମଦ ବେପାର ବଢ଼ି ଚାଲିଛି। ବେପାରୀମାନେ ଲକ୍‌ଡାଉନ ଓ ଶଟ୍‌ଡାଉନର ସୁଯୋଗ ନେଇ ପଡ଼ୋଶୀ ଜିଲାରୁ ମଦ ଆଣି ଚୋରାରେ ଭଦ୍ରକ ଜିଲାରେ ବେପାର କରୁଛନ୍ତି। ଯୁବକଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ମଦ ପିଇ ବିଭିନ୍ନ କାଣ୍ଡ ଭିଆଉଛନ୍ତି। ବ୍ଲକର କୁଲଣା, କଣ୍ଟି, ମଞ୍ଜୁରୀରୋଡ଼, ନାଆଁମି, ଝୁଟଣା, ବନସ୍ତା, କୋଟସିରା, ଜଗନ୍ନାଥପ୍ରସାଦ, ଭଣ୍ଡାରିପୋଖରୀ ମେଡିକାଲ ଛକ, ସରସଦା, ଉତ୍ତରବାଡ଼, ବଲିଘାଇ ପ୍ରମୁଖ ଅଞ୍ଚଳରେ ଖୋଲାଖୋଲି ଭାବେ ବିକ୍ରି ଚାଲିଥିବା ବେଳେ ଅବକାରୀ ବିଭାଗ ଚୁପ୍ ହୋଇ ବସିଛି ବୋଲି ଅଭିଯୋଗ ହେଉଛି। ପୋଲିସ ଓ ଅବକାରୀ ବିଭାଗ କେତେବେଳେ କେମିତି ଚଢ଼ାଉ କରି ଜଣେ ଦୁଇଜଣଙ୍କୁ ଧରି କେଶ୍ କରି କାମ ସାରି ଦେଉଛନ୍ତି। ଏହାକୁ ରୋକିବା ପାଇଁ ଅବକାରୀ ବିଭାଗ କେନ୍ଦୁଝର ସୀମା ଓ ଯାଜପୁର ସୀମାବର୍ତ୍ତୀ ଅଞ୍ଚଳରେ ଚଢ଼ାଉ କରି ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଧାମନଗର ଅବକାରୀ ଥାନା ସବ୍ ଇନ୍ସପେକ୍ଟର ଜଗନ୍ନାଥ ମିଶ୍ର କହିଛନ୍ତି, କର୍ମଚାରୀ ଅଭାବରୁ ଆବଶ୍ୟକ ଚଢ଼ାଉ କରାଯାଇପାରୁ ନାହିଁ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଲାୟନ୍ସ କ୍ଲବର ପ୍ରତିଷ୍ଠା ଦିବସ

ଜଳେଶ୍ୱର, ୩।୭(ଡି.ଏନ.ଏ.)

ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ କାର୍ଯ୍ୟ କରୁଥିବା ଲାୟନ୍ସ କ୍ଲବ ପକ୍ଷରୁ ୮ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କ୍ଲବର ସଭ୍ୟମାନେ 'ଇଚ୍ ୱାନ୍, ପ୍ଲାଣ୍ଟ ୱାନ୍' ନାରାରେ ହାତୀଗଡ ଉଚ୍ଚ ବିଦ୍ୟାଳୟ ପରିସରରେ ନଡିଆ ଚାରାରୋପଣ କରିଛନ୍ତି । ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବଂଶୀଧର ବାରିକ ଓ ପୂର୍ବତନ ସରପଞ୍ଚ ଗଙ୍ଗାଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରଭାସ ଚନ୍ଦ୍ର ନାୟକ ଓ ଜିକେ ଭଟ୍ଟର ହସ୍‌ପିଟାଲର ଡାକ୍ତର ରୋଜି ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲବ ସଭାପତି ବିଷ୍ଣୁପଦ ମହାନ୍ତି, ସମ୍ପାଦକ ଅରୁଣ ରାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ପଞ୍ଚାୟତ କମିଟି ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ରୂପ୍ସା, ୩।୭(ଡି.ଏନ.ଏ.)

ପୂର୍ବତନ ମନ୍ତ୍ରୀ ତଥା ଭାଜପା ବରିଷ୍ଠ ନେତା ରଘୁନାଥ ମହାନ୍ତିଙ୍କୁ ଭାଜପା ରାଜ୍ୟ ପଞ୍ଚାୟତ କମିଟି ଅଧ୍ୟକ୍ଷ ଭାବେ ଦଳ ପକ୍ଷରୁ ନିଯୁକ୍ତି କରାଯିବା ପରେ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। ବସ୍ତା ମଣ୍ଡଳ ପକ୍ଷରୁ ନବ ନିଯୁକ୍ତ ଅଧ୍ୟକ୍ଷଙ୍କୁ ଅମର୍ଦ୍ଦାରୋଡ଼ ସ୍ଥିତ ବାସଭବନରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମଣ୍ଡଳ ସଭାପତି ରଞ୍ଜନ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜିଲା ଉପସଭାପତି ପ୍ରଦୀପ କୁମାର ପଣ୍ଡା, ସୂର୍ଯ୍ୟନାରାୟଣ ସାହୁ, ଯୁବମୋର୍ଚ୍ଚା ସଭାପତି ଧିରେନ କୁମାର ସେଠୀ, ମିଡ଼ିଆ ପ୍ରଭାରୀ ଦିବାକର ରାଉତ, ପ୍ରକାଶ କୁଣ୍ଡୁ, ଶମ୍ଭୁନାଥ ବେହେରା, ଲକ୍ଷ୍ମୀକାନ୍ତ ଦଳାଇ ଓ ପ୍ରଦୀପ ବେହେରା ପ୍ରମୁଖ ଯୋଗଦେଇ ପୂର୍ବତନମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଦଳ ପକ୍ଷରୁ ମିଳିଥିବା ଏହି ଦାୟିତ୍ୱକୁ ସୂଚାରୁରୂପେ ତୁଲାଇବା ସହ ପଞ୍ଚାୟତ ତଥା ବୁଥସ୍ତରରୁ ଭାଜପାକୁ ମଜବୁତ କରିବା ମୂଳ ଲକ୍ଷ୍ୟ ବୋଲି ଅଧ୍ୟକ୍ଷ ମହାନ୍ତି କହିଥିଲେ।

## ଶାରୀଶୁଆ ପାହାଡ଼ରୁ ଟ୍ରାକ୍ଟର ଜବତ,୩ ଗିରଫ

ଖଇରା, ୩।୭(ଡି.ଏନ.ଏ.)

ଶାରୀଶୁଆ ପାହାଡରୁ ବେଆଇନ ଭାବେ ଟ୍ରାକ୍ଟରରେ ପଥର ବେଝେଇ କରି ନେଉଥିବା ୨ଟି ଟ୍ରାକ୍ଟରକୁ ଖଇରା ଥାନା ଆଇଆଇସି ଶ୍ରୀବଲ୍ଲଭ ସାହୁ ଶନିବାର ସକାଳେ ଜବତ କରିବା ସହ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି । ଶାରୀଶୁଆ ପାହାଡର ବିଭିନ୍ନ ଖଣିରେ ୧୪୪ଧାରା କରିଥିବା ବେଳେ କିଛିଦିନ ଧରି ସେହି ଖଣିଗୁଡିକରୁ ବେଆଇନ ଭାବେ ପଥର ବେଝେଇ କରି ଚୋରା ଚାଲାଣ କରାଯାଉଥିଲା। ଥାନା ଅଧିକାରୀ ବିଶେଷ ସୂତ୍ରରୁ ଖବରପାଇ ଚଢାଉ କରିବା ପରେ ଖଣି ମାଫିଆମାନଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି।

## ଗୋଶାଳାରେ ସେବା, ସ୍ୱଚ୍ଛତା ଅଭିଯାନ

ଭଦ୍ରକ ଅଫିସ, ୩।୭

ବିଶ୍ୱ ହିନ୍ଦୁ ପରିଷଦ ଭଦ୍ରକ ନଗର ପକ୍ଷରୁ ସହରର ରାଜଘାଟ ଛକ ସ୍ଥିତ ଶ୍ରୀ ଗୋପାଳଜୀଉ ଗୋଶାଳା ପରିସରରେ ସଭାପତି ପୁନିଲ କୁମାର ସାମନ୍ତଙ୍କ ନେତୃତ୍ୱରେ ସେବା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଶାଳା ପରିସରକୁ ପରିଷ୍କାର କରାଯାଇଥିଲା। ସଙ୍ଗଠନ ପକ୍ଷରୁ ପ୍ରତି ମାସରେ ଥରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯିବ ବୋଲି ଜିଲା ଉପସଭାପତି ନିରଞ୍ଜନ ସାହୁ ପ୍ରକାଶ କରିଥିଲେ। ବିଭାଗ ସମ୍ପାଦକ ଗୋବିନ୍ଦ ରାଉତ କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ କରିଥିଲେ। ଗୋଶାଳାର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ପରାମର୍ଶରେ କର୍ମଚାରୀମାନେ ସହଯୋଗ କରିଥିଲେ। ପରିଷଦର ଜିଲା ସଭାପତି ବିଜୟ ସିହ୍ନା, ବଜରଙ୍ଗ ଦଳର ପୂର୍ବ ପ୍ରାନ୍ତ ସଂଯୋଜକ ମାନସ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ମରାମତି ହେଉନି ଧୋବାଗଡ଼ିଆ-କାଉପୁର ରାସ୍ତା

ବନ୍ତ,୩।୭ (ସ୍ୱ.ପ୍ର.)



ଧୋବାଗଡ଼ିଆ-କାଉପୁର ରାସ୍ତା ଶୋଚନୀୟ ହୋଇପଡ଼ିଛି।

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା-ବରପଦା ପିଡବ୍ଲ୍ୟୁଡି ମୁଖ୍ୟ ରାସ୍ତାର ଧୋବାଗଡ଼ିଆ ଛକଠାରୁ କାଉପୁରକୁ ଲମ୍ବିଥିବା ଆର୍‌ଡି ବିଭାଗର ୪ କି.ମି. ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ମିଟୁଆଣୀ, ବେଲଗଡ଼ିଆ, ତୁମ୍ବାପଦୀ, ମୁକ୍ତାଡିହୀ ଆଦିର ଗ୍ରାମବାସୀ ଦୈନନ୍ଦିନ ଯାତାୟତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହେବା ସହ ମେଟାଲ ଉଠି ଯାଇଥିବାରୁ ଗାଡ଼ି ମୋଟର ଚଳାଚଳରେ ସମସ୍ୟା ହେଉଥିବା ବେଳେ ଦୁର୍ଘଟଣା ଘଟୁଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଜମି ରହିବାରୁ ଯାତାୟତ ଅନୁପଯୋଗୀ ହୋଇପଡୁଛି। ଦୀର୍ଘବର୍ଷ ଧରି ଆବଶ୍ୟକ ମରାମତି ଅଭାବରୁ ରାସ୍ତାର ଏଭଳି ଅବସ୍ଥା ହୋଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାମାଜିକ କର୍ମୀ ଦିଲୀପ ସ୍ୱାଇଁ, ଲକ୍ଷ୍ମୀଧର କୁଅଁର, ବନୁ ଦୀକ୍ଷିତ, ସୁବଳ ଚନ୍ଦ୍ର କୁଅଁର, ଶିଶିର ମହାନ୍ତି, ଅଲେଖ ବେହେରା, ବିଶ୍ୱନାଥ ସ୍ୱାଇଁ, ପର୍ଶୁରାମ ବେହେରା, ଗଙ୍ଗାଧର ଦାସ ପ୍ରମୁଖ ଦାବି କରିଛନ୍ତି।

## ଦେଭୋଗ-ଦେଉଳା ରାସ୍ତାରେ ୩ଫୁଟର ପାଣି

ଲଙ୍ଗଳେଶ୍ୱର, ୩।୭ (ଡି.ଏନ.ଏ.)



ମଙ୍ଗଳବାର-ରାସ୍ତା ଉପରେ ଜମିଥିବା ପାଣିରେ ପଶି ଲୋକେ ଯାତାୟାତ କରୁଛନ୍ତି।

ଅସରାଏ ବର୍ଷା ହେଲେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଦେଭୋଗ ବିବି ରୋଡ଼ଠାରୁ ଦେଉଳା ହାଟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଉପରେ ୩ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ପାଣି ଜମି ରହୁଛି। ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଏବଂ ଯନ୍ତ୍ରୀମାନେ ସରକାରୀ ଅର୍ଥକୁ ଠିକ୍ ଭାବେ ଉପଯୋଗ କରି ନ ଥିବା ଅଭିଯୋଗ ହୋଇଛି।

ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଏହି ରାସ୍ତାର ୧ କି.ମି. ୬୫୦ମିଟର ପିଚୁ ଏବଂ ୯୦୦ମିଟର କଂକ୍ରିଟ୍ ରାସ୍ତା ତିଆରି କରାଯାଇଛି। ରାସ୍ତା ପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ ଡ୍ରେନ୍ ତିଆରି ହୋଇ ନ ଥିବାରୁ ୬କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ରାସ୍ତା ଏବେ ଶୋଚନୀୟ ହୋଇପଡୁଛି। ବର୍ଷାଦିନେ ପାଣି ଜମା ହୋଇ ରାସ୍ତାରେ ଏପରି କୃତ୍ରିମ ନଦୀ ସୃଷ୍ଟି ହୋଇଛି। ଚୁକ୍ତିପତ୍ରରେ ଠିକାଦାର ସମସ୍ତ ରକ୍ଷଣାବେକ୍ଷଣ ଏବଂ ମରାମତି କରିବାର ସ୍ୱାକ୍ଷର କରିଥିଲେ ମଧ ତାହା କରାଯାଉନାହିଁ। ଦେଉଳା ଗ୍ରାମବାସୀଙ୍କର ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ରାସ୍ତାରେ ଚାଲି କି ଗଲେ ଅଣ୍ଟାଏ ପାଣିରେ ଯିବାକୁ ପଡୁଛି। ସାଇକେଲ କିମ୍ବା ମୋଟରସାଇକେଲରେ ଗଲେ ମଧ ପାଣିରେ ଓଦା ହୋଇ ଯିବାକୁ ପଡେ। ନଚେତ୍ ୧୦କି.ମି. ରାସ୍ତା ବୁଲି ବୁଲି ଯିବାକୁ ପଡୁଛି। ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରିଥିଲେ ମଧ ବିଭାଗୀୟ ଅଧିକାରୀ କିମ୍ବା ସ୍ଥାନୀୟ ରାଜନେତା କେହି ବି କର୍ଣ୍ଣପାତ କରୁନାହାନ୍ତି। ତୁରନ୍ତ ରାସ୍ତା ମରାମତି ଏବଂ ଡ୍ରେନ୍ ନିର୍ମାଣ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ ବାଲିଆପାଳ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସୌଭାଗ୍ୟ କୁମାର ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା ନିର୍ମାଣ ବେଳେ ସ୍ଥାନୀୟ ଲୋକେ ଜାଗା ନ ଛାଡ଼ିବାରୁ ଡ୍ରେନ୍ ନର୍ମାଣ ହୋଇନାହିଁ। ଫଳରେ ପାଣି ଜମି ରହୁଛି।

